**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ରୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 02-04-2026**

**ଖୋର୍ଦ୍ଧା(ଓଡିଶା) - :2026-04-02 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-04-03 | 2026-04-04 | 2026-04-05 | 2026-04-06 | 2026-04-07 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 5.0 | 8.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 38.0 | 38.0 | 38.0 | 37.0 | 37.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 25.0 | 27.0 | 27.0 | 27.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 84 | 83 | 90 | 91 | 79 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 27 | 24 | 29 | 28 | 27 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 16 | 13 | 11 | 8 | 11 |
| ପବନର ଦିଗ (ଡିଗ୍ରୀ) | 208 | 207 | 208 | 195 | 332 |
| ମେଘାଚ୍ଛନ (ଅକ୍ଟା) | 0 | 2 | 2 | 4 | 5 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \| |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ସୋମବାର ଓ ମଙ୍ଗଳବାର ଦିନ ସ୍ୱଳ୍ପ ବର୍ଷା ଏବଂ ଅନ୍ୟ ଦିନ ମାନଙ୍କରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୮ – ୧୬ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୭ - ୩୮ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୪ - ୨୭ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| ଆଗାମୀ ମଙ୍ଗଳବାର ଦିନ ବିଜୁଳି ଓ ଘଡଘଡି ର ସତର୍କତା ଚେତାବନୀ ରହିଛି । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
|  ଆଗାମୀ ଦିନରେ ବିଜୁଳି ଓ ଘଡଘଡିର ସମ୍ଭାବନା ଥିବାରୁ ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

### ସାଧାରଣ ଉପଦେଶ:

| |
|---|
|  ଧାନ ଫସଲରେ କେଣ୍ଡା ବଢିବା ଅବସ୍ଥା, ଫୁଂଲ ଉଡାଇବା ଆଦି ଫସଲର ସଂକଟ କାଳ । ଏହି ସମୟରେ ଫସଲରେ ପାଣିର ଅଭାବ ଦେଖାଗଲେ ଅମଳ ବହୁ ପରିମାଣରେ କମିଯାଏ । ତେଣୁ ଏହି ସଂକଟ କାଳରେ ନିଶ୍ଚିତ ଭାବେ ଜଳସେଚନ କରନ୍ତୁ ।  ମୁଗ, ବିରି, ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ନିଅନ୍ତୁ ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।  ଆଗାମୀ ଦିନରେ ବିଜୁଳି ଓ ଘଡଘଡିର ସମ୍ଭାବନା ଥିବାରୁ ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।  ଆଖୁ ଗଛମୂଳ ଓଦା ରଖିବା ପାଇଁ ଶୁଖିଲା ପତ୍ର ଦ୍ୱାରା ନାଲି ଗୁଡିକୁ ଆଚ୍ଛାଦନ କରନ୍ତୁ । ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ପାଇଁ ଶତକଡା 4 ଭାଗ ପଟାସ୍ ସାର (1 ଲିଟର ପାଣିରେ 40 ଗ୍ରାମ୍ ପଟାସ୍ ସାର) ପତ୍ର ସିଂଚନ କରନ୍ତୁ ।  ପୋଖରୀରେ, ଯଦି ପାଣିର ତାପମାତ୍ରା ୩୦°ସେଣ୍ଟିଗ୍ରେଡ୍‌ରେ ପହଞ୍ଚେ, ତେବେ ଆଙ୍ଗୁଳିକା ମାଛ (ଫିଙ୍ଗାର୍‌ଲିଙ୍ଗସ୍) କୁ ହାର୍ଭେଷ୍ଟ / ସଂଗ୍ରହ କରନ୍ତୁ । ପୋଖରୀରେ ଆଙ୍ଗୁଳିକା ମାଛ ଛାଡିବା ପୂର୍ବରୁ ଯଥେଷ୍ଟ ପାଣିର ଗଭୀରତା ନିଶ୍ଚିତ କରନ୍ତୁ ।  ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ଶଢା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।  ଗାଈଗୋରୁ, କୁକୁଡା ଓ ବତକ ଆଦିଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପିଇବା ପାଣି ଦିଅନ୍ତୁ ।  ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରନ୍ତୁ । ଠିକ ସମୟରେ ପାଣି ପିଅନ୍ତୁ।  ଦିନର ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମ ଲହରୀ ପ୍ରବାହର ପୂର୍ବାନୁମାନ ଥିବାରୁ, ଅଧିକ ଗରମ ସମୟରେ ( ଦିନ 12ଟା ରୁ 4ଟା) କାମ ନ କରିବାକୁ ଏବଂ ଖରା ସମୟରେ ମୁଣ୍ଡ ଓ ବେକକୁ ଢାଙ୍କିବା ପାଇଁ ଚଉଡା ଟୋପି କିମ୍ବା କପଡ଼ା ବ୍ୟବହାର କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଅଛି । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
|  ଗାଈଗୋରୁ, କୁକୁଡା ଓ ବତକ ଆଦିଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପିଇବା ପାଣି ଦିଅନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ |  ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆଁ ପୋକ ବର୍ତ୍ତମାନ ସମୟରେ ଅଧିକ ତାପମାତ୍ରା ଓ ମଝିରେ ମଝିରେ କାଳ ବୈଶାଖୀ ବର୍ଷା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆଁ ପୋକ ଲାଗିବାର ସମ୍ଭାବନା ଅଛି। ଅଧିକ ଯବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ଧାନ ଗଛ ର ସୂକ୍ଷ୍ମ ପରିବେଶ କୁ ବଦଳେଇବା ଆବଶ୍ୟକ । ଯେପରିକି ଜମିକୁ କିଛି ଦିନ ଆଦ୍ର ଓ କିଛି ଦିନ ଶୁଖିଲା କରିବା ଅର୍ଥାତ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆ ପାଣି ରଖନ୍ତୁ ନାହିଁ । ସୂର୍ଯାଲୋକ ଏବଂ ବାୟୁଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗ କୁ ୬ ଫୁଟ ବ୍ୟବଧାନ ରେ ପାହି କରନ୍ତୁ ।  ଲେଡା ପୋକ – ଧାନ ଫସଲରେ ଲେଡା ପୋକର ଲାଗିବା ର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗ ଦେଖି |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫-ମି.ଲି ହିସାବ ରେ Lambda-cyhalothrin କିମ୍ବା ୨ ମିଲି ହିସାବ ରେ (Chlorpyriphos + Cypermethrin) ସିଂଚନ କରନ୍ତୁ । ପୋକ ଗଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପରବେଳା କିମ୍ବା ସନ୍ଧ୍ୟା ସମୟସର ସିଂଚନ କରନ୍ତୁ । |
| ବାଦାମ | □ ଚିନାବାଦାମ ଫଳ ଗୁଡିକ ଶତକଡା ୮୦ ଭାଗ ପାକଳ ହେଲା ଅବସ୍ଥାରେ ଅମଳ କରିବା ଉଚିତ । ଅମଳ ସମୟରେ ଗଛ ର ପତ୍ର ହଳଦିଆ ଲାଲ ରଙ୍ଗର ହୋଇଥାଏ ଏବଂ ତଳ ପତ୍ର ଗୁଡିକ ଝଡି ପଡ଼େ । ଚିନାବାଦାମ ଟାଣ ହୋଇ ଚୋପାର ଭିତର ପାଖ କଳା ପଡିବା ଆରମ୍ଭ ହେଲେ,ପାକଳ ହୋଇ ଅମଳ ଉପଯୋଗୀ ହୋଇଥାଏ । ଗଛ କୁ ଉପାଡି ବିଡା ବାନ୍ଧି, ପ୍ରଥମେ ଚେର ଉପରକୁ ଓ ଗଛ ତଳକୁ କରି ଖରାରେ ଶୁଖାଇ ଦିଅନ୍ତୁ । ଦୁଇ ରୁ ତିନି ଦିନ ପରେ ଗଛ ରୁ ବାଦାମ ଗୁଡିକୁ ଛିଡାଇ ଖରାରେ ଭଲ ଭାବରେ ଶୁଖାଇ ରଖନ୍ତୁ । ଅମଳ ସମୟ ରେ ଚିନାବାଦାମ ମଞ୍ଜି ରେ ଜଳୀୟ ଅଂଶ ୪୦ ରୁ ୫୦ ଶତକଡା ରହିଥାଏ। ତେଣୁ ଖରା ରେ କିଛିଦିନ ଶୁଖାଇ ଜଳୀୟ ଅଂଶ ଶତକଡା ୧୦ ଭାଗ ରଖାଯାଏ । ଅଧିକ ଜଳୀୟ ଅଂଶ ଥାଇ ବାଦାମ ସାଇତି ରଖିଲେ, ଏହା କବକ ଦ୍ୱାରା ଆକ୍ରାନ୍ତ ହୋଇ ନଷ୍ଟ ହୁଏ । |
| ବିରି | □ ଧୂଆଁପତ୍ର ଗୋଟି ପୋକ ବା କାଳିମୁଣ୍ଡି ପୋକ ଧୂଆଁପତ୍ର ଗୋଟି ପୋକ ବା କାଳିମୁଣ୍ଡି ପୋକ ପୋକ ଗୁଡିକ ଗୋଟିଏ କିଆରି ରୁ ଅନ୍ୟ କିଆରି କୁ ନ ଯିବା ପାଇଁ ହିଡ ରେ ଏକର ପ୍ରତି ୧୦-କିଲୋଗ୍ରାମ Chlorpyriphos ଗୁଣ୍ଡ କୀଟନାଶକ ପ୍ରୟୋଗ କରନ୍ତୁ । ଏହି ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Novaluron ଓ Indoxacarb ର ମିଳିତ କୀଟନାଶକ କିମ୍ବା ୩୦୦ ମିଲି Lambda Cyhalothrin ନାମକ କୀଟନାଶକ କିମ୍ବା ୧୨୦ ଗ୍ରାମ Flubendiamide ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଂଚନ କରନ୍ତୁ । |
| ଆଖୁ | □ ଘାସୁଆ ରୁଗୁଡ଼ିଆ ରୋଗ ଘାସୁଆ ରୁଗୁଡ଼ିଆ ରୋଗର ପରିଚାଳନା ପାଇଁ ରୋଗ ବିହୀନ ଆଖୁ ବିହନ ଲଗାନ୍ତୁ । ଆକ୍ରାନ୍ତ ଗଛ କୁ ଓପାଡି ଦୂରରେ ପୋଡି ନଷ୍ଟ କରି ଦିଅନ୍ତୁ । ଏହି ରୋଗ ର ବାହକ ଜଉ ପୋକ ର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦ ମି.ଲି. Imidacloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଘଞଳ ନ୍ଦ୍ରୃଠ | ଲଙ୍କାର ଦୀର୍ଘସ୍ଥାୟୀ ସଂରକ୍ଷଣ ପାଇଁ ପ୍ରଥମେ ଗଛ ପାକଳ ଲଙ୍କାକୁ ଅମଳ କରି ୩ ରୁ ୪ ଦିନ ଏକାଠି ଛାଇରେ ରଖିଲେ ସେଗୁଡିକ ରଙ୍ଗ ଏକପ୍ରକାର ହୋଇଥାଏ । ଏହା ପରେ ପୁଣି ୩ ରୁ ୪ ଦିନ ଖରାରେ ଶୁଖାଇ ଜଳୀୟ ଅଂଶ ୧୦% କମିବା ପରେ ବସ୍ତା ରେ ପୁରାଇ କାଛ ଓ ଭୁଇଁରୁ ଟିକିଏ ଛଡାଇ ରଖନ୍ତୁ । ଲଙ୍କାର ରଙ୍ଗ ଠିକ ରଖି ଏହାକୁ ଅଧିକ ବିକ୍ରି ଯୋଗ୍ୟ କରିବା ପାଇଁ ପ୍ରତି କୁଇଣ୍ଟାଲ ଲଙ୍କାକୁ ୨୫ ଲିଟର ପାଣି ୬୨୫ ଗ୍ରାମ ପଟାସିୟମ କାର୍ବୋନେଟ, ୨୫୦ ମିଲି ରିଫାଇନ ବାଦାମ ତେଲ, ୨୫ ଗ୍ରାମ ବାବୁଲ ଅଠା ଏବଂ ୦.୨୫ ଗ୍ରାମ ବୁଟିଲେଡେଟ ହାଇଡ୍ରୋକ୍ସି ଆନିସଲ ରେ ମିଶାଇ ୫ ମିନଟି ପାଣିରେ ବୁଡାଇ ରଖନ୍ତୁ । ପାଣି ନିଗିଡି ଗଲା ପରେ ଲଙ୍କା ସବୁକୁ ପବନ ଚଳପ୍ରଚଳ ହେଉଥିବା ଜାଗାରେ ଓ ପରିଷ୍କାର ସ୍ଥାନରେ ରଖନ୍ତୁ । |
| ଲଙ୍କା | ଲଙ୍କାର ଦୀର୍ଘସ୍ଥାୟୀ ସଂରକ୍ଷଣ ପାଇଁ ପ୍ରଥମେ ଗଛ ପାକଳ ଲଙ୍କାକୁ ଅମଳ କରି ୩ ରୁ ୪ ଦିନ ଏକାଠି ଛାଇରେ ରଖିଲେ ସେଗୁଡିକ ରଙ୍ଗ ଏକପ୍ରକାର ହୋଇଥାଏ । ଏହା ପରେ ପୁଣି ୩ ରୁ ୪ ଦିନ ଖରାରେ ଶୁଖାଇ ଜଳୀୟ ଅଂଶ ୧୦% କମିବା ପରେ ବସ୍ତା ରେ ପୁରାଇ କାଛ ଓ ଭୁଇଁରୁ ଟିକିଏ ଛଡାଇ ରଖନ୍ତୁ । ଲଙ୍କାର ରଙ୍ଗ ଠିକ ରଖି ଏହାକୁ ଅଧିକ ବିକ୍ରି ଯୋଗ୍ୟ କରିବା ପାଇଁ ପ୍ରତି କୁଇଣ୍ଟାଲ ଲଙ୍କାକୁ ୨୫ ଲିଟର ପାଣି ୬୨୫ ଗ୍ରାମ ପଟାସିୟମ କାର୍ବୋନେଟ, ୨୫୦ ମିଲି ରିଫାଇନ ବାଦାମ ତେଲ, ୨୫ ଗ୍ରାମ ବାବୁଲ ଅଠା ଏବଂ ୦.୨୫ ଗ୍ରାମ ବୁଟିଲେଡେଟ ହାଇଡ୍ରୋକ୍ସି ଆନିସଲ ରେ ମିଶାଇ ୫ ମିନଟି ପାଣିରେ ବୁଡାଇ ରଖନ୍ତୁ । ପାଣି ନିଗିଡି ଗଲା ପରେ ଲଙ୍କା ସବୁକୁ ପବନ ଚଳପ୍ରଚଳ ହେଉଥିବା ଜାଗାରେ ଓ ପରିଷ୍କାର ସ୍ଥାନରେ ରଖନ୍ତୁ । |
| ପ୍ରବଳ | □ ପୋଟଳ ଗଛ ବର୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥା ରେ । ବର୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ୱାରା ଫଳ ସିଧାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଭେଣ୍ଡୀ | □ ସାହେବୀ ରୋଗ ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛି ର ନିୟନ୍ତ୍ରଣ ନିହାତି ଜରୁରୀ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ଶୁଖିଲା ପାଗ ଦେଖି ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକର ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| କଲରା | □ କାଙ୍କେଡିଆ ପୋକ କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣି ରେ ୩ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ Azadirachtin କୁ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୨ ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨ ମିଲି Profenophos ନାମକ କୀଟନାଶକ ମିଶାଇ ଶୁଖିଲା ପାଗ ଦେଖି ସିଂଚନ କରନ୍ତୁ । |
| ପିଆଜ | □ ଫଳ ବିକଶିତ ହେବା ସମୟରେ ପାଣିର ଅଭବାକୁ ଦୂର କରନ୍ତୁ । ଅମଳ ଉପଯୁକ୍ତ ହୋଇଯାଇଥିଲେ ଅମଳର ଅନୂନ୍ୟ ୧୫ ଦିନ ପୂର୍ବରୁ ଜଳସେଚନ ସ୍ଥଗିତ ରଖନ୍ତୁ । ଅମଳ ପରବର୍ତୀ ଗଜା ହେବାକୁ ରୋକିବା ପାଇଁ ଅମଳ ହେଇଥିବା ପିଆଜ କୁ ଭଲ ବାୟୁ ଚଳଚଳ ହେଉଥିବା ସ୍ଥାନରେ ରଖନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | □ ବସନ୍ତ ରୋଗ ପର୍ଯ୍ୟାୟ ଟୀକାକରଣ ଏବଂ ଘର ଓ ପରବେଶ ସଫା ସୁତୁରା ରଖିବା ଦ୍ୱାରା ରୋକାଯାଇପାରିବ । କ୍ଷତ ଦ୍ୱାରା ଓ କୀଟ ମାନଙ୍କ କାମୁଡା ଦ୍ୱାରା ଏହି ରୋଗ ଗୋଟେ ପକ୍ଷୀ ରୁ ଅନ୍ୟଟି କୁ ବ୍ୟାପିଥାଏ । ଏହି ରୋଗ କାରଣ ରୁ ୫୦ ପ୍ରତିଶତ ଲେଖାଏଁ ଚିଆଁ ମାନେ ମୃତ୍ୟୁ ବରଣ କରିଥାନ୍ତି । ଏହି ରୋଗ କାରଣ ରୁ ଓଜନ ବୃଦ୍ଧି ହାର କମିବା ସହିତ ଅଣ୍ଡା ଦେବା ମାତ୍ରା ମଧ ହ୍ରାସ ପାଇଥାଏ । ତେଣୁ ଆପଣଙ୍କର ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରିବା ପରେ ୬ ସପ୍ତାହ ରୁ ୧୬ ସପ୍ତାହ ବୟସ ରେ କୁକୁଡ଼ା ଓ ବତକ ଙ୍କୁ ଟୀକା ଦିଅନ୍ତୁ । ଆକ୍ରାନ୍ତିତ କୁକୁଡା ଓ ବତକ ଙ୍କ ମୁଣ୍ଡ, ବେକ ଓ ଦେହ ରେ ଫୋଟକା ଦେଖାଯାଏ । ଏ ଲକ୍ଷଣ ଦେଖା ଦେଲେ ଆକ୍ରାନ୍ତିତ ପକ୍ଷୀ ଙ୍କୁ ଅଲଗା ରଖନ୍ତୁ, ସ୍ଥାନୀୟ ପ୍ରାଣୀଚିକିତ୍ସକ ଙ୍କ ସହିତ ପରାମର୍ଶ କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଦିଅନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ନାହିଁ |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**